# Prime Minister pays homage at the Mausoleum of Bangabandhu Sheikh Mujibur Rahman

March 27, 2021

# ବଙ୍ଗବନ୍ଧୁ ଶେଖ ମୁଜିବୁର ରହମାନଙ୍କୁ କବରସ୍ଥଳରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ

ମାର୍ଚ୍ଚ 27, 2021

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ବାଂଲାଦେଶ ଗସ୍ତର ଦ୍ୱିତୀୟ ଦିନରେ ତୁଙ୍ଗିପାରାସ୍ଥିତ ବଙ୍ଗବନ୍ଧୁ ଶେଖ ମୁଜିବୁର ରହମାନଙ୍କ କବରସ୍ଥଳକୁ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ବଙ୍ଗବନ୍ଧୁଙ୍କ କବରସ୍ଥଳ ଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା କୌଣସି ବିଦେଶୀ ସରକାରୀ ମୁଖ୍ୟ ଅବା ରାଷ୍ଟ୍ର ମୁଖ୍ୟଙ୍କ ପ୍ରଥମ ଯାତ୍ରା । ପ୍ରଧାନମନ୍ତ୍ରୀ ଶ୍ରୀ ନରେନଦ୍ର ମୋଦୀ ଏହି ଐତିହାସିକ ଅବସରକୁ ସ୍ମରଣ କରିବା ସହ ସେଠାରେ ଏକ ବକୁଳ ଚାରା ରୋପଣ କରିଥିଲେ । ଏହି ଅବସରରେ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସୀନା ତଥା ତାଙ୍କ ଭଉଣୀ ଶେଖ୍ ରେହାନା ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କବରସ୍ଥଳ ପରିସରରେ ଥିବା ପରିଦର୍ଶକ ପୁସ୍ତିକରେ ସ୍ୱାକ୍ଷର କରିଥିଲେ । ସେ ସେହି ପୁସ୍ତକରେ ଲେଖିଛନ୍ତି – "ବଙ୍ଗବନ୍ଧୁଙ୍କ ଜୀବନ, ବାଂଲାଦେଶର ଲୋକମାନଙ୍କ ସ୍ୱତନ୍ତ୍ରତା ସଂଘର୍ଷ ତଥା ସେମାନଙ୍କର ଅଧିକାର, ସମାବେଶୀ ସଂସ୍କୃତି ଏବଂ ସେମାନଙ୍କର ପରିଚୟକୁ ସୁରକ୍ଷିତ ରଖିବାର ପ୍ରତୀକ ଅଟେ।"

**ଢାକା**

ମାର୍ଚ୍ଚ 27, 2021

DISCLAIMER: This is an approximate translation. The original is available in English on MEA's website and may be referred to as the official press release.